# ପ୍ରକଟୀକରଣ

## ସ୍ପଷ୍ଟୀକରଣ/ ଅଭିଯୋଗର ଖଣ୍ଡନ:

ସମୟ ସମୟରେ, ନିର୍ବାଚନ ବେଳେ ହେଉ କିମ୍ବା କୌଣସି ନିହିତ ସ୍ୱାର୍ଥ ବିରୋଧରେ, ମୁଁ ପଦକ୍ଷେପ ନେବା ବେଳେ ସମାଲୋଚନା (ଉଦାହରଣସ୍ୱରୁପ: ପାର୍ଲାମେଣ୍ଟ କ୍ୟାଣ୍ଟିନରୁ ସଫଳ ଭାବେ ରିହାତି ଉଚ୍ଛେଦ କରିବା)ର ଶିକାର ହୋଇଥାଏ । ସାଧାରଣତଃ, ସମାଲୋଚନାଗୁଡ଼ିକ ମଧ୍ୟରେ ଏପରି ଅଭିଯୋଗ ଥାଏ ଯାହାକୁ ପୂର୍ବରୁ ବହୁବାର ଖଣ୍ଡନ କରାଯାଇଛି । ତଥାପି, ଅନ୍‌ଲାଇନ୍ ଟ୍ରୋଲ ବ୍ୟତିତ, ଏଭଳି କିଛି ଲୋକ ଅଛନ୍ତି, ଯେଉଁମାନେ ମୋର ସ୍ପଷ୍ଟୀକରଣଗୁଡ଼ିକ ବିଷୟରେ ଅଜ୍ଞ ଏବଂ ଯୁକ୍ତିସଙ୍ଗତ ପ୍ରଶ୍ନ କରିଥାନ୍ତି । ଏବେ କିଛି ବର୍ଷ ଧରି, ମୁଁ ସ୍ପଷ୍ଟୀକରଣ/ଖଣ୍ଡନଗୁଡ଼ିକୁ ସଂକ୍ଷିପ୍ତ କରି ମୋର ୱେବ୍‌ସାଇଟ୍‌ରେ ଦର୍ଶାଇଛି, ଯେଉଁଥିରେ ସମସ୍ତ ସାଧାରଣ ପ୍ରଶ୍ନ ସ୍ଥାନିତ ।

## ଅଭିଯୋଗ (୨୦୧୭):

### "ଅଜିତ ଯୋଗୀ/ଚିଦାମ୍ବରମ/ଏଫ୍‌ଆଇପିବି"

୨୦୧୭ ଅଗଷ୍ଟରେ ଛତିଶଗଡ଼ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଜିତ ଯୋଗୀ ଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥ ମନ୍ତ୍ରୀ ପି. ଚିଦାମ୍ବରମ ଏବଂ ତାଙ୍କ ପୁତ୍ର କାର୍ତ୍ତି ଚିଦାମ୍ବରମଙ୍କ ବିରୋଧରେ ଅନେକ ଅଭିଯୋଗ ଉଠାଇଥିଲେ । ମୋର ପରିବାରର ସମ୍ବନ୍ଧ ଥିବା ଅର୍‌ଟେଲ କମ୍ୟୁନିକେସନ ପାଇଁ ତତ୍କାଳୀନ ବିଦେଶୀ ପୁଞ୍ଜି ନିବେଶ ପ୍ରୋତ୍ସାହନ ବୋର୍ଡ (ଏଫ୍‌ଆଇପିବି)ଠାରୁ ଅନୈତିକ ଅନୁଗ୍ରହ ନିଆଯାଇଥିବା ଏଗୁଡ଼ିକ ମଧ୍ୟରେ ଅନ୍ୟତମ ଅଭିଯୋଗ ଥିଲା । ଏହା ସମ୍ପୂର୍ଣ୍ଣ ଭାବେ ମିଥ୍ୟା । ବାସ୍ତବରେ, ୧୯୯୯ ଓ ୨୦୦୮ରେ ଜଣାଶୁଣା ଗ୍ଲୋବାଲ ପ୍ରାଇଭେଟ ଇକ୍ୱିଟି ଫଣ୍ଡଠାରୁ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ (ଏଫ୍‌ଡିଆଇ) ଗ୍ରହଣ କରିବା ଲାଗି ଏଫ୍‌ଆଇପିବି ପକ୍ଷରୁ କମ୍ପାନୀକୁ ଅନୁମତି ମିଳିଥିଲା ଏବଂ ଏକ ପ୍ରାରମ୍ଭିକ ସାର୍ବଜନିକ ପ୍ରସ୍ତାବ (ଆଇପିଓ) ରହିଥିଲା । ଏଫ୍‌ଡିଆଇ ଆକୃଷ୍ଟ କରିବା ଲାଗି କମ୍ପାନୀ ଆର୍‌ବିଆଇ ଓ ଏଫ୍‌ଇଏମ୍‌ଏର ସମସ୍ତ ନିୟମାବଳୀର ପାଳନ କରିଥିଲା ଏବଂ କୌଣସି ସ୍ୱତନ୍ତ୍ର ଅନୁମତି ଆବଶ୍ୟକ କରୁ ନ ଥିବାରୁ ଏ କ୍ଷେତ୍ରରେ କୌଣସି ଅନୁଗ୍ରହ ଦେଖାଯାଇ ନାହିଁ । ଏଣୁ ପି. ଚିଦାମ୍ବରମ୍ କିମ୍ବା ତାଙ୍କ ପୁତ୍ରଙ୍କ ସହ କମ୍ପାନୀର କୌଣସି ସମ୍ପର୍କ ନାହିଁ ।

ପୃଥକ ଭାବେ, ମୋର ପରିବାରର ସମ୍ବନ୍ଧ ଥିବା ଅନ୍ୟ ଏକ କମ୍ପାନୀ ଇମ୍ଫା ପାଇଁ ପି. ଚିଦାମ୍ବରମ ନ୍ୟାୟାଳୟରେ ହାଜର ହୋଇଥିବା ଏବଂ ଏଥିରେ ତାଙ୍କ ପତ୍ନୀଙ୍କ ଅଂଶଧନ ରହିଥିବା ଯୋଗୀ ଅଭିଯୋଗ ଆଣିଥିଲେ। ବାସ୍ତବରେ, ୧୯୮୦ ଏବଂ ୧୯୯୦ରେ ଶ୍ରୀ ଚିଦାମ୍ବରମ କମ୍ପାନୀ ପାଇଁ ସର୍ବୋଚ୍ଚ ନ୍ୟାୟାଳୟରେ ଉପସ୍ଥିତ ହୋଇଥିଲେ, କିନ୍ତୁ ଅଭିଯୋଗ ସହ ଏହାର କୌଣସି ସମ୍ପୃକ୍ତି ନାହିଁ। ଶ୍ରୀମତି ଚିଦାମ୍ବରମ ଅଂଶଧନ କିଣିବା ସମୟରେ କହିରଖିବାକୁ ଚାହେଁ ଯେ ଏହି ତାଲିକାଭୁକ୍ତ କମ୍ପାନୀରେ, ଯେଉଁଥିରେ କେହି ମଧ୍ୟ ଅଂଶଧନ କିଣିପାରିବେ, ସେଥିରେ ଏନ୍. ଚିଦାମ୍ବରମ ମାତ୍ର ୧୦ଟି ଅଂଶଧନ କିଣିଛନ୍ତି। ନିଜର ଜାତି ପ୍ରମାଣପତ୍ରରେ ଜାଲିଆତି କରି କାର୍ଯ୍ୟାନୁଷ୍ଠାନର ସାମ୍ନା କରୁଥିବା ଶ୍ରୀ ଯୋଗୀ କିଛି ପୁରୁଣା ଅଭିଯୋଗଗୁଡ଼ିକୁ ପୁନଃ ଉପସ୍ଥାପିତ କରିଛନ୍ତି, ଯେଉଁଗୁଡ଼ିକର ସ୍ପଷ୍ଟୀକରଣ ଲଗାତର ବହୁ ପୂର୍ବରୁ ଦିଆଯାଇଛି।

## ପୂର୍ବ ଅଭିଯୋଗ:

### "ବ୍ୟାଙ୍କ ଋଣ"

୧୯୮୦ରେ ପାରିବାରିକ ବ୍ୟବସାୟ ଅନ୍ତର୍ଗତ ୨ କମ୍ପାନୀ ମଧ୍ୟରୁ ମୋର ଅଂଶଧନ (ଅନ୍ୟ କେତେକ ସମ୍ପର୍କୀୟଙ୍କ ସହ) ଥିବା ଏକ କମ୍ପାନୀ ବିବାଦ ଏବଂ କଞ୍ଚାମାଲ ଅଭାବରୁ ରୁଗ୍ଣ ହୋଇପଡ଼ିଥିଲା। ଏଥିପାଇଁ କେହି ଦୋଷୀ ନ ଥିଲେ, କିନ୍ତୁ କଞ୍ଚାମାଲ ଅଭାବରୁ କମ୍ପାନୀ (ଆଇସିସିଏଲ) କ୍ଷମତାଠାରୁ ଖୁବ କମ ଉତ୍ପାଦନ କରିବାରେ ଲାଗିଲା ଏବଂ ଦୀର୍ଘ ସମୟ ପର୍ଯ୍ୟନ୍ତ ବନ୍ଦ ରହିଥିଲା। କିଛି ବର୍ଷ ପରେ ସର୍ବୋଚ୍ଚ ନ୍ୟାୟାଳୟ କମ୍ପାନୀ ସପକ୍ଷରେ ରାୟ ଶୁଣାଇଥିଲେ ଏବଂ କର୍ପୋରେଟ ଋଣ ପୁନର୍ଗଠନ (ସିଡିଆର) ପରେ କମ୍ପାନୀ ପୁଣି କାର୍ଯ୍ୟକ୍ଷମ ହୋଇଥିଲା। ସିଡିଆର ନିୟମାନୁସାରେ ଥିଲା ଏବଂ ଆଂଶିକ ଋଣ ହ୍ରାସ ସାମିଲ ଥିଲା (ଅଧିକାଂଶ ଦଣ୍ଡସ୍ୱରୁପ ସୁଧ, କିନ୍ତୁ ଫରେକ୍ସ ଅସ୍ଥିରତା ଓ ମୂଳଧନ ଭଳି ଅଂଶ ନୁହେଁ)। ଅଂଶଧନକାରୀମାନେ ସିଡିଆର ପୁନଃସ୍ଥାପନ ପାଇଁ ନିଜ ଅଂଶଧନ ମଧ୍ୟରୁ ୫୦% ଏବଂ ଅନ୍ୟ ଏକ କମ୍ପାନୀ (ଇମ୍ଫା) ଆୟର ୮୫% ହସ୍ତାନ୍ତର କରିବାକୁ ରାଜି ହୋଇଥିଲେ। ଏହାପରେ ପୁନର୍ଗଠିତ ଋଣ ପରିଶୋଧ ହୋଇଥିଲା ଏବଂ ୨ କମ୍ପାନୀର ସମ୍ମିଶ୍ରଣ ଘଟିଥିଲା।

### "ବିଦ୍ୟୁତ ବିଲ ବକେୟା ଛାଡ଼"

ଓଡ଼ିଶାରେ ମୋର ପାରିବାରିକ ବ୍ୟବସାୟ ଅନ୍ତର୍ଗତ କମ୍ପାନୀ (ଇମ୍ଫା)ର ରାଜ୍ୟ ବିଦ୍ୟୁତ ବୋର୍ଡ (ପରେ ବିଚ୍ଛିନ୍ନ ଏବଂ ଆଂଶିକ ଘରୋଇକରଣ ହୋଇଥିବା) ସହ ଆଇନଗତ ବିବାଦ ରହିଥିଲା। ଯୋଗାଣ ଚୁକ୍ତି ଏବଂ କାରବାର ନିୟମର

ଉଲ୍ଲଂଘନ କରାଯାଇ ବିଲିଂ କରାଯାଇଛି ବୋଲି ଅଭିଯୋଗ କରି କମ୍ପାନୀ ନ୍ୟାୟାଳୟ ଦ୍ୱାରସ୍ଥ ହୋଇଥିଲା । ନ୍ୟାୟାଳୟ ମଧ୍ୟସ୍ଥତା ତଥା ସର୍ବସମ୍ମତି କ୍ରମେ ଏହି ଅଭିଯୋଗକୁ ଠିକ୍ ବୋଲି ଦର୍ଶାଇ କମ୍ପାନୀକୁ ରିଫଣ୍ଡ ଦେବା ଉଚିତ ବୋଲି କହିଥିଲେ । ମାତ୍ର ଭୁଲ ସମ୍ବାଦ ପ୍ରକାଶନ ଯୋଗୁ କମ୍ପାନୀକୁ ବିଦ୍ୟୁତ ବକେୟା ଛାଡ଼ କରାଯାଇଛି ବୋଲି ଅନେକ ବିଶ୍ୱାସ କରନ୍ତି ।

ପୃଥକ୍ ଭାବେ ରାଜ୍ୟ ସରକାର ଏବଂ ଅନେକ ରାଷ୍ଟ୍ରାୟତ୍ତ ଏବଂ ଘରୋଇ କମ୍ପାନୀଗୁଡ଼ିକ ମଧ୍ୟରେ ବିଦ୍ୟୁତ ଶୁଳ୍କ ବିବାଦ ଥିବା ବେଳେ ଏଗୁଡ଼ିକ ଉଚ୍ଚ ନ୍ୟାୟାଳୟରେ ବିଚରାଧୀନ ରହିଛି । ଏହି କମ୍ପାନୀଗୁଡ଼ିକ ମଧ୍ୟରେ ଇମ୍ଫା ରହିଛି ଏବଂ ବିବାଦିତ ଅର୍ଥ ରାଶି ନ୍ୟାୟାଳୟ (ସରକାରଙ୍କ ବଦଳରେ)ରେ ଜମା କରୁଛି । ଅନ୍ୟପକ୍ଷେ ନ୍ୟାୟିକ ନିର୍ଣ୍ଣୟ ମଧ୍ୟ ଜାରି ରହିଛି ।

## "୧୩ ଏକରର ଜମି"

୧୯୮୦ରେ ମୋର ପାରିବାରିକ ବ୍ୟାବସାୟିକ ସମୂହ ଅନ୍ତର୍ଗତ କମ୍ପାନୀ (ଇମ୍ଫା) ଏକ କ୍ଷତି ସହୁଥିବା କମ୍ପାନୀ କଳିଙ୍ଗ ଟ୍ୟୁବ୍ସ ଲିମିଟେଡ (କେଟିଏଲ୍)କୁ ଅଧିଗ୍ରହଣ (ପରେ ବିଳୟ ହୋଇଥିବା) କରିଥିଲା । ଏହି ପ୍ରକ୍ରିୟାରେ ପ୍ରାୟ ୩୦୦ ଏକର ପର୍ଯ୍ୟନ୍ତ ପରିବ୍ୟାପ୍ତ (୧୯୫୦ରେ ପ୍ରତିଷ୍ଠିତ) କେଟିଏଲ୍‌ର ପରିସରକୁ ଅଧିଗ୍ରହଣ କରାଯାଇଥିଲା, ଯେଉଁଠାରେ ବର୍ତ୍ତମାନ ଏକ ଉତ୍ପାଦନ କାରଖାନା ରହିଛି । ୧୯୭୬ରେ କେଟିଏଲ ଜମିର ଏକ କ୍ଷୁଦ୍ର ଅଂଶର ରେକର୍ଡ ନେଇ ଆଇନଗତ ମାମଲା (ପରେ ଇମ୍ଫା ଦ୍ୱାରା ସ୍ୱୟଂଚାଳିତ ଭାବେ ପ୍ରତିସ୍ଥାପିତ) ଆରମ୍ଭ କରିଥିଲା । ତେବେ ୧୯୯୦ରେ ନ୍ୟାୟାଳୟ ମୋର କମ୍ପାନୀ ସପକ୍ଷରେ ରାୟ ଦେଇଥିଲେ । ଏଣୁ ଜମିର ମାଲିକାନା ନେଇ କୌଣସି ସନ୍ଦେହ ନାହିଁ ।

## ଶେଷରେ:

**ମୁଁ ସେହି ପ୍ରଶ୍ନଗୁଡ଼ିକ ଉପରେ ବିଶ୍ୱାସ କରେ, ଯେଉଁଥିରେ କିଛି ବାସ୍ତବତା ଥାଏ । ଉପରୋକ୍ତ ସମସ୍ତ ତଥ୍ୟ ଠିକ୍, ସତ୍ୟ ଏବଂ ଯାଞ୍ଚ ହେବା ଯୋଗ୍ୟ । ତଥାପି, ମୁଁ କେତେ ଥର ଅନୁଭବ କରିଛି ଅଭିଯୋଗଗୁଡ଼ିକୁ ଖଣ୍ଡନ କିମ୍ବା ସ୍ପଷ୍ଟ କରିବା ପରେ ମଧ୍ୟ ମୋତେ ଅଧିକ ଯୁକ୍ତିରେ ସମ୍ପୃକ୍ତ କରାଯାଏ, ଯାହାକୁ ମୁଁ ଗ୍ରହଣ କରେ ନାହିଁ ।**